# ବଲାଙ୍ଗିର ବିକାଶରେ କଂଗ୍ରେସ ବିଧାୟକ ଅସହିଷ୍ଣୁ କାହିଁକି?: କଳିକେଶ

**ବଲାଙ୍ଗିର, ୨।୩(ସମିସ):** ବଲାଙ୍ଗିରରେ ବିକାଶର ଧାରା ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାର ବିକାଶକୁ ଗୁରୁତ୍ୱଦେଇ ଅନେକଗୁଡ଼ିଏ ପ୍ରକଳ୍ପ ଦେଇଛନ୍ତି। ବଲାଙ୍ଗିରରେ ମେଡିକାଲ କଲେଜ, ଲୋୟରସୁକତେଲ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବସ୍ ଟର୍ମିନାଲ, ଉନ୍ନତ ରାସ୍ତାଘାଟ, ପୋଲ ଇତ୍ୟାଦି ନିର୍ମାଣ ହୋଇଛି। ସେହିପରି ୫-ଟି ରୂପାନ୍ତରଣରେ ସ୍କୁଲ, କଲେଜ, ଡାକ୍ତରଖାନାଗୁଡ଼ିକର ଉନ୍ନତି କରାଯାଇଛି। ଜିଲ୍ଲାର ଜଳସେଚନ ହାର ବଢ଼ାଇବାକୁ ଭୂତଳଜଳ ପ୍ରକଳ୍ପ, ପର୍ଯ୍ୟଟନକ୍ଷେତ୍ରଗୁଡିକର ବିକାଶ ପାଇଁ ବିପୁଳ ଅର୍ଥ ମଞ୍ଜୁର ହୋଇଛି। ସେଥିପାଇଁ ବଲାଙ୍ଗିରବାସୀଙ୍କ ତରଫରୁ ବଲାଙ୍ଗିର ବିଜୁଜନତାଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଉଛି। ବଲାଙ୍ଗିରର ଏହି ବିକାଶଧାରାକୁ ଜିଲ୍ଲାର ସମସ୍ତ ଲୋକପ୍ରତିନିଧି ସ୍ୱୀକାର କରି ସହଯୋଗ କରିବାର ଆବଶ୍ୟକତା ରହିଛି। କିନ୍ତୁ ଦୁଃଖର ବିଷୟ, ବଲାଙ୍ଗିରର କଂଗ୍ରେସ ବିଧାୟକ ନରସିଂହ ମିଶ୍ର ବଲାଙ୍ଗିରର ଦ୍ରୁତ ବିକାଶକୁ ସହ୍ୟ କରିପାରୁନାହାଁନ୍ତି। ସେ କେବଳ ଶ୍ରେୟ ରାଜନୀତିରେ ରହିଛନ୍ତି। ଲୋୟର ସୁକତେଲ ଉଦ୍‌ଘାଟନୀ ଉତ୍ସବ ହେଉ କି ଆଜିର ମେଡିକାଲ କଲେଜର ଟିଚିଂ ହସ୍‌ପିଟାଲର ଉଦଘାଟନ ହେଉ ସବୁ କାର୍ଯ୍ୟକ୍ରମରେ ତାଙ୍କୁ ପ୍ରଶାସନ ଡାକିଛି। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ବିଧାୟକ ନିଜର ଅହଙ୍କାର ପ୍ରଦର୍ଶନ ପୂର୍ବକ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ବୈଠକରୁ ଉଠି ଚାଲିଯାଉଛନ୍ତି। ନବୀନ ପଟ୍ଟନାୟକ ସରକାରଙ୍କ ଅନେକ ପ୍ରକଳ୍ପରେ ସେ ଶ୍ରେୟନେବାକୁ ଆଗଭର ହେଉଛନ୍ତି କିନ୍ତୁ ଯେତେବେଳେ ସରକାର ପ୍ରକଳ୍ପ କରାଉଛନ୍ତି ସେତେବେଳେ ବିଧାୟକ ଅସହିଷ୍ଣୁ ହୋଇଯାଉଛନ୍ତି। ତେଣୁ ଏହା ତାଙ୍କର ଦୋମୁହାଁନୀତିକୁ ପ୍ରତିଫଳିତ କରୁଛି। କିନ୍ତୁ ବଲାଙ୍ଗିରବାସୀ ଏଥିରେ ବିବ୍ରତ ହେବାର ନାହିଁ। ବଲାଙ୍ଗିରବାସୀଙ୍କ ଉନ୍ନତି ରେ ବିଜେଡି ସବୁବେଳେ ରହିଛି। ବଲାଙ୍ଗିରର ଉନ୍ନତି ହେଇଛେ, ଆର୍ ଆଗକେ ହେବା ବୋଲି ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଜିଲ୍ଲାର ବିକାଶ କଥା ଯେତେବେଳେ ଉଠୁଛି ସେତେବେଳେ ସବୁ ରାଜନୈତିକଦଳ ଏକ ହେବାର ଆବଶ୍ୟକତା ରହିଛି। ବଲାଙ୍ଗିରରେ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ ବଲାଙ୍ଗିରବାସୀ ପାଇଁ ନବୀନ ପଟ୍ଟନାୟକଙ୍କ ଏକ ବଡ଼ ଉପହାର। ୩୦୫ କୋଟି ଟଙ୍କା ଖର୍ଚ୍ଚରେ ୬୫୦ ଶର୍ଯ୍ୟାର ମେଡିକାଲ କଲେଜର ଟିଚିଂ ହସ୍‌ପିଟାଲ ହୋଇଛି। ବଲାଙ୍ଗିର ଜିଲ୍ଲାର ଲୋକଙ୍କ ସହିତ ଆଖପାଖ ଜିଲ୍ଲାର ୨୫ଲକ୍ଷ ଲୋକ ଏହି ହସ୍‌ପିଟାଲରୁ ଉପକୃତ ହେବେ। ଏଭଳି ଏକ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବକୁ ରାଜନୀତିକରଣ ନକରି ସମସ୍ତେ ଖୁସି ହେବାକୁ କଳିକେଶ ଆହ୍ୱାନ ଦେଇଛନ୍ତି।

ଉଦ୍‌ଘାଟିତ ହେଲା ବହୁ ପ୍ରତୀକ୍ଷିତ ମେଡିକାଲ କଲେଜ ଡାକ୍ତରଖାନା

# ସ୍ୱାସ୍ଥ୍ୟସେବାକୁ ଆହୁରି ରୁଦ୍ଧିମନ୍ତ କରିବ ମେଡିକାଲ କଲେଜ

**ବଲାଙ୍ଗିର, ୨।୩(ସମିସ)**

ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ପାଇଁ ନୂତନ ଡାକ୍ତରଖାନା ଉଦ୍‌ଘାଟିତ ହୋଇଯାଇଛି। ୬୫୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା '୫-ଟି' ଉପକ୍ରମରେ ସମୟସୀମା ଭିତରେ ନିର୍ମାଣ କରାଯିବା ସହ

**୫ ମହଲାରେ ୬୫୦ ସାଧାରଣ ଓ ୧୨୨ କ୍ରିଟିକାଲ କେୟାର ବେଡ୍ ବ୍ୟବସ୍ଥା**

ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଭାସୀ ମାଧ୍ୟମରେ ଏହି ଡାକ୍ତରଖାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିବାବେଳେ ଡାକ୍ତରଖାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ମନ୍ତ୍ରୀ, ସାଂସଦ ଓ ବିଧାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ମେଡିକାଲ କଲେଜ ଆରମ୍ଭ ହେବା ପରେ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଉନ୍ନତୀକରଣ କରାଯାଇ ସେଠାରେ ମେଡିକାଲ କଲେଜ ଡାକ୍ତରଖାନା ଅସ୍ଥାୟୀ ଭାବେ କରାଯାଇଥିଲା। ଏହି ନୂତନ ଡାକ୍ତରଖାନା ହେବା ଦ୍ୱାରା ରୋଗୀମାନେ ଆହୁରି ଉତ୍ତମ ସେବା ପାଇବା ସହ ପଢୁଥିବା ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସୁବିଧା ହେବ।

ବଲାଙ୍ଗିରରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା ଭୀମଭୋଇ ମେଡିକାଲ କଲେଜ। କଲେଜ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ







ଡାକ୍ତରଖାନା ଭାବେ ବ୍ୟବହାର କରାଯାଇଥିଲା। ଏହି ଭିତରେ କିନ୍ତୁ ସମସ୍ତଙ୍କ ସୁବିଧା ଓ ସେବା ଦୃଷ୍ଟିରୁ ରାଜ୍ୟ ସରକାର ଶୀଘ୍ର ମେଡିକାଲ କଲେଜ ଡାକ୍ତରଖାନା ନିର୍ମାଣ କାମକୁ ତ୍ୱରାନ୍ୱିତ କରିଥିଲେ। ୨୦୧୯ ଡିସେମ୍ବରରେ ଡାକ୍ତରଖାନା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଖୁବ କମ ସମୟ ଭିତରେ ୨୦୨୪ ମାର୍ଚ୍ଚ ସୁଦ୍ଧା ମେଡିକାଲ କଲେଜକୁ ଲାଗି ଛିଡା ହୋଇପାରିଛି ପାଞ୍ଚ ମହଲା ବିଶିଷ୍ଟ ମେଡିକାଲ କଲେଜ ଡାକ୍ତରଖାନା। ଯେଉଁ ଡାକ୍ତରଖାନାରେ ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇଛି। ଯାହାକି ରୋଗୀ ମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ସଫଳ ହେବ। ଶନିବାର ଆଭାସୀ ମାଧ୍ୟମରେ ଏହି ଡାକ୍ତରଖାନାକୁ ଲୋକଙ୍କ ପାଇଁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ସେହିପରି ନବନିର୍ମିତ ମେଡିକାଲ କଲେଜ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ କ୍ୟାବିନେଟ ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରବ ଶିବାଜୀ ଇଶାଲୱର, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଡିନ ପ୍ରମୁଖ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଏକ ମାଇଲଖୁଣ୍ଟ ହୋଇରହିବ ବୋଲି କହିଥିଲେ। ସୂଚନା ଅନୁସାରେ ପ୍ରାୟ ୧୩ ଏକରରୁ ଉର୍ଦ୍ଧ୍ୱ ଜମିରେ ଏହି ଡାକ୍ତରଖାନା ନିର୍ମାଣ କରାଯାଇଛି। ୩୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ୫ ମହଲା ବିଶିଷ୍ଟ ଡାକ୍ତରଖାନା ରେ ୧୮ ଟି ବିଭାଗ କାମ କରିବ। ଏହି ଡାକ୍ତରଖାନାରେ ୬୫୦ ଟି ସାଧାରଣ ବେଡ୍ ସହ ୧୨୨ଟି କ୍ରିଟିକାଲ କେଆର ବେଡ୍ ବ୍ୟବସ୍ଥା କରାଯାଇଛି। ଏହି ଡାକ୍ତରଖାନା ମେଡିକାଲ କଲେଜକୁ ଲାଗିରହିଥିବାରୁ ଅଧ୍ୟୟନରତ ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହା ସୁବିଧା ହେବା ସହ ରୋଗୀମାନେ ମଧ୍ୟ ଉତ୍ତମ ସମୟ ଭିତରେ ପାଇପାରିବେ। ମେଡିକାଲ କଲେଜ ଭଳି ଏହି ଡାକ୍ତରଖାନା ମଧ୍ୟ ବଲାଙ୍ଗିର ତଥା ଆଖପାଖ ଜିଲ୍ଲା ପାଇଁ ବେଶ ଉପଯୋଗୀ ହୋଇପାରିବ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଛାତ୍ରଛାତ୍ରୀ, କର୍ମଚାରୀଙ୍କ ସହ ବହୁ ସଂଖ୍ୟାରେ ମହିଳାମାନେ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି, ୨।୩(ସମିସ):** କଣ୍ଟାବାଞ୍ଜି ଆଞ୍ଚଳିକ ସାଧନକେନ୍ଦ୍ରର ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ରାଣୀ ମହାନ୍ତିଙ୍କୁ



ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ବିଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମକୃଷ୍ଣ ସେଲମା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ତ୍ରିପାଠୀ, କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ନୋଡାଲ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାସ, ଧନ ସିଂ ମାଝୀ ଉପସ୍ଥିତ ଥିଲେ। ଶିକ୍ଷକ ଜାନକୀ ରାମ ସାମବେଦମ୍ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ, ସବିତା ରଣା, ଶାନ୍ତିଲତା ଭୋଇ, ସବିତା ପାଣିଗ୍ରାହୀ, କୁସୁମ ମଞ୍ଜରୀ ନାଗ, ସରୋଜିନୀ ଠାକୁର, ସୁଭାଷିନୀ ମେହେର, ଜୟନ୍ତୀ ଷଡ଼ଙ୍ଗୀ, ସରସ୍ୱତୀ ବଗର୍ତ୍ତି, ସଂଘମିତ୍ରା ପାଣିଗ୍ରାହୀ ସହଯୋଗ କରିଥିଲେ।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ହେଲେ ନବୀନ କୁଅଁର

**ବଲାଙ୍ଗିର/ ମହିମୁଣ୍ଡା, ୨।୩(ସମିସ) :** ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କୁ ମିଳିଛି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟତା। ଗତ ଗୁରୁବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ତାଙ୍କୁ ଏହି ସଦସ୍ୟତା ପ୍ରଦାନ କରାଯାଇଛି। ଓଡ଼ିଶାର ୩୦ ଟି ଜିଲ୍ଲାରୁ ଜଣଙ୍କୁ ଏହି ସଦସ୍ୟତା ପ୍ରଦାନ କରାଯାଇଥିବାବେଳେ ବଲାଙ୍ଗିରରୁ ନବୀନ କୁଅଁରଙ୍କୁ



ମନୋନୀତ କରାଯାଇଛି। ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅଧୀନ ଡୁମେରପାଲି ଗାଁର ବାସିନ୍ଦା ନବୀନ କୁଅଁର ଓଡ଼ିଶାର ଲୋକ ସଙ୍ଗୀତ କ୍ଷେତ୍ରରେ ଏକ ନାଁକରା କଣ୍ଠଶିଳ୍ପୀ। ତାଙ୍କ ଆବୃତ୍ତି ଏଭରଗ୍ରୀନ ଲୋକଗୀତ ଗୁଡ଼ିକ ଆଜିବି ଶ୍ରୋତାଙ୍କ ମନକୁ ଆନ୍ଦୋଳିତ କରେ। ତାଙ୍କର ଏହି ପ୍ରତିଭା ବଳରେ ସେ ଅନେକ ସଫଳତା ପାଇବା ସହିତ ବିଭିନ୍ନ ସ୍ଥାନରୁ ସମ୍ମାନୀତ ହୋଇଛନ୍ତି। ଗତ ୨୦୨୧ ମସିହାରେ ସେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ସିନିୟର ଫେଲୋସିପ ପାଇଛନ୍ତି। ସେହିବର୍ଷ ହିଁ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ସମ୍ମାନିତ କରାଯାଇଥିଲା। ନବୀନ କୁଅଁର ଆକାଶବାଣୀ ଓ ଦୂରଦର୍ଶନର ବି ହାୟର ସ୍ୱୀକୃତିପ୍ରାପ୍ତ କଳାକାର ଅଟନ୍ତି। ତେବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର ସଦସ୍ୟତା ପାଇବା ତାଙ୍କ ପାଇଁ ବଡ଼ ସଫଳତା ଅଟେ। ଏହା ପଶ୍ଚିମାଞ୍ଚଳର ଲୋକଗୀତ, ନୃତ୍ୟ, ପରମ୍ପରା, ସଂସ୍କୃତିକୁ ଆଗେଇ ନେବାକୁ ତାଙ୍କୁ ସାହାଯ୍ୟ କରିବ ବୋଲି ସେ କହିଥିଲେ। ଏହି ଖବର ପ୍ରଚାରିତ ହେବାପରେ ପରିଜନ ମହଲ, ତାଙ୍କର ଡୁମେରପିଟା ଗାଁ ତଥା ଜିଲ୍ଲା ଓ ରାଜ୍ୟର କଳାକାରଙ୍କ ମହଲରେ ଖୁସି ଦେଖିବାକୁ ମିଳିଛି। ବିଭିନ୍ନ ମହଲରୁ ତାଙ୍କ ପାଖରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଖାଇଗଲେ ବିକଳାଙ୍ଗଙ୍କ ଆବାସ ଟଙ୍କା

**ସଇଁତଳା, ୨।୩(ସମିସ):** ସଇଁତଳା ବ୍ଲକ ଅଧୀନ ଝିଙ୍କିଡୁଙ୍ଗିରି ପଞ୍ଚାୟତର ଝରବାହାଲି ଗାଁର ଜୟରାମ ମାଝୀ(୪୦) ବିକଳାଙ୍ଗ ଅଛନ୍ତି। ତାଙ୍କ ରହିବା ପାଇଁ କିଛି ବର୍ଷ ତଳେ ସରକାରଙ୍କ ତରଫରୁ ଆବାସ ଖଣ୍ଡିଏ ପାଇଥିଲେ। ଶ୍ରୀ ମାଝୀ ଧାର୍ କରଜ କରି ଆବାସ ଘରକୁ ସମ୍ପୂର୍ଣ୍ଣ କରିଥିଲେ। ଏହାପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୂର୍ବତନ ସରପଞ୍ଚ ତୃତିୟା ପଧାନଙ୍କୁ ବିଲ ପାଇଁ କହିଥିଲେ। ପରେ ପୂର୍ବତନ ସରପଞ୍ଚ ତୃତୀୟା ପଧାନ ଓ ସେହି ସମୟର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ହିତାଧିକାରୀ ଜୟରାମ ମାଝୀ ବ୍ୟାଙ୍କକୁ ଆସିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟାଙ୍କରେ ଶ୍ରୀ ମାଝୀ ଆବାସ ବିଲ ପଇସା ଉଠାଇ ଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ତୃତୀୟା ପଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଫୁସୁଲାଇ ସମ୍ପୂର୍ଣ୍ଣ ଟଙ୍କା ନେଇଯାଇଥିବା ଅଭିଯୋଗ କରିଛନ୍ତି ଜୟରାମ ମାଝୀ। ପରେ ଜୟରାମ ଶ୍ରୀ ପଧାନଙ୍କୁ ଅନେକ ଥର ଗୁହାରି କରିଥିଲେ ବି ତାଙ୍କ ପଇସା ଫେରସ୍ତ କରି ନ ଥିଲେ। ଘରେ କେବଳ ରଙ୍ଗଲଗାଇ ଟିଣ କବାଟ ଟିଏ ଲଗାଇ ବିଲ ସମ୍ପୂର୍ଣ୍ଣ କରି ପୂର୍ବତନ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସବୁ ପଇସା ଚଳୁ କରିଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି।



ବୃତ୍ତି ଏ ମୋ ପୋଷେ କୁଟୁମ୍ବ...

# ଅମରଙ୍କ ସ୍ପର୍ଶରେ ଜୀବନ୍ତ ହେଉଛି ମାଟି କଳାକୃତି

**ବଲାଙ୍ଗିର/ମହିମୁଣ୍ଡା, ୨।୩(ସମିସ):** ସକାଳ ପ୍ରାୟ ୭ ଟା ସମୟ। ରାସ୍ତାରେ ଗଲା ସମୟରେ ଆଟଗାଁ ଛକରେ ଜଣେ ବ୍ୟକ୍ତି ମାଟି ମୁଣ୍ଡାକୁ କଳାକୃତି ଦେଉଥିବାର ଦୃଶ୍ୟ ଆଖିରେ ପଡ଼ିଲା। ତାଙ୍କ ଯାଦୁକରୀ ହାତର ସ୍ପର୍ଶରେ ମୂର୍ତ୍ତିଟି ଯେମିତି ଜୀବନ୍ତ ହୋଇ ଉଠିଥାଏ। ମନରେ କୌତୁହଳ ଜାତ ହେବାରୁ ତାଙ୍କ ସହିତ କଥା ହେବାକୁ ଆମେ ପାଖକୁ ଗଲୁ। କଥାବାର୍ତ୍ତା ହେବାରୁ ଜଣାପଡ଼ିଲା ସେ ସ୍ଥାନୀୟ ଅଞ୍ଚଳର ନାଁକରା ଶିଳ୍ପିକାର।

ନାଁ ଅମର କୁଅଁର। ବୟସ ପାଖାପାଖି ୫୫ ହେବ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ମୂର୍ତ୍ତିଗଢୁଛନ୍ତି। ଏହା ତାଙ୍କର କୌଳିକ ବୃତ୍ତି ନୁହେଁ। ବାପା ଅଜା ଚାଷୀ ଥିଲେ। ସେ ମଧ୍ୟ ଚାଷ କରନ୍ତି। ହେଲେ ମୂର୍ତ୍ତି ଗଢ଼ିବାର ନିଶା ଆଜି ତାଙ୍କୁ ଆଖପାଖ ଅଞ୍ଚଳର ନାଁକରା ଶିଳ୍ପୀକାର ଭାବେ ପରିଚୟ ଦେଇଛି। ଅମରଙ୍କ କହିବା ଅନୁସାରେ ତାଙ୍କୁ ଯେତେବେଳେ ୨୫/୨୬ବର୍ଷ ହେଉଥିଲା ସେ ମୂର୍ତ୍ତୀ ଗଢା କାମ ଶିଖିବା ଆରମ୍ଭ କରିଥିଲେ। ସେତେବେଳେ ଯାଜପୁରର ପ୍ରସିଦ୍ଧ ଶିଳ୍ପୀକାର ଫକୀର ମୋହନ ସାହୁ ବଲାଙ୍ଗିର ଆସି ଦୁର୍ଗା ମୂର୍ତ୍ତି ଗଢେଇ କରୁଥାନ୍ତି। ତାଙ୍କ



ପାଖରେ ରହି ଅମର କାମ ଶିଖିଥିଲେ। ତାଙ୍କ ଠାରୁ କାମ ଶିଖିବା ପରେ ସେ ଗାଁକୁ ଫେରି ମୂର୍ତ୍ତି ଗଢ଼ିବା ଆରମ୍ଭ କଲେ। ପୈତୃକ ଜମିରେ ଚାଷ କାମ କରିବା ସହିତ ମୂର୍ତ୍ତି ଗଢା କାମ କଲେ। ଗଣେଶ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ଶିବ ପାର୍ବତୀ ଭଳି ବିଭିନ୍ନ ମୂର୍ତ୍ତୀ ସେ ନିର୍ମାଣ କରନ୍ତି। ଗଣେଶ ପୂଜା ସମୟରେ ପ୍ରାୟ ୧୫୦ ରୁ ୨୦୦ ମୂର୍ତ୍ତୀ ତିଆରି କରି ବିକ୍ରି କରନ୍ତି। ବଡ଼ ମୂର୍ତ୍ତୀର ଅର୍ଡର ମଧ୍ୟ ରଖନ୍ତି। ତାଙ୍କର ସେହିଭଳି ଅନ୍ୟ ଦେବାଦେବୀଙ୍କ ମୂର୍ତ୍ତୀ ତିଆରି କରି ବାର୍ଷିକ ହାରାହାରି ଦେଢ଼ ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଥିଲେ ଅମର। ମୂର୍ତ୍ତୀ ତିଆରି ପାଇଁ ସେ ସ୍ୱତନ୍ତ୍ର ମାଟି ବ୍ୟବହାର କରନ୍ତି। ଅମରଙ୍କ ପରିବାର ରେ ସ୍ତ୍ରୀ, ତିନି ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ପୁଅ ମାନେ ତାଙ୍କୁ କାମରେ ସାହାଯ୍ୟ କରନ୍ତି। ମୃର୍ତ୍ତିକା କାରିଗର ମାନେ ବଡ଼ କଷ୍ଟରେ ମୂର୍ତ୍ତି ନିର୍ମାଣ କରୁଥିବାବେଳେ ପ୍ୟାରିସ ମୂର୍ତ୍ତୀ ପାଇଁ ମାଟି ମୂର୍ତ୍ତୀର ଚାହିଦା କମିବାରେ ଲାଗିଛି ବୋଲି ଅମର କହିଥିଲେ। ତେବେ ତାଙ୍କ ପାଇଁ ସରକାରୀସ୍ତରରେ କିଛି ସୁବିଧା ସୁଯୋଗ ମିଳିପାରିଲେ ସେ ତାଙ୍କର କାରିଗରୀକୁ ଆହୁରି ଉଚ୍ଚସ୍ଥାନକୁ ନେଇପାରିବେ ବୋଲି ପ୍ରକାଶ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ପାଟଣାଗଡ଼, ୨।୩(ସମିସ):** ପାଟଣାଗଡ଼ ରମାଇ ହାଇସ୍କୁଲ ଖେଳପଡ଼ିଆ ରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନୂତନ ପାଇପ ଜଳସେଚନ ଯୋଜନା ସହ ଅନେକ ପ୍ରକଳ୍ପର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲରେ ଉଦ୍‌ଘାଟିତ ହୋଇଛି। ଏହି ସମାରୋହରେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅଥିତି ଭାବେ ଯୋଗଦାନ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ବୋଧନ ଦେଇଥିଲେ। ଏହି ସମାବେଶରେ ଜିଲ୍ଲାପାଳ ବଲାଙ୍ଗିର, ବିଡିଓ ସୁମନ ମିଞ୍ଜ ପାଟଣାଗଡ଼, ଜଳସମ୍ପଦ ବିଭାଗର ଅଧିକାରୀ, ଏନ୍ଏସି ଉପାଧ୍ୟକ୍ଷ୍ୟ ପ୍ରଫୁଲ୍ଲ ମେହେରଙ୍କ ସହ ଦୁଇ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ସମାଗମ ହୋଇଥିଲା।

# ବୁଢ଼ାବାହାଲଠାରେ ଆମ ବ୍ୟାଙ୍କର ଶୁଭାରମ୍ଭ

**ସଇଁତଳା, ୨।୩(ସମିସ):** ସଇଁତଳା ବ୍ଲକ ବୁଢ଼ାବାହାଲ ପଞ୍ଚାୟତର ବୁଢ଼ାବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସି ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିଲେୟ, ସଇଁତଳା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଫୁଲ୍ଲ ଭଇସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସରପଞ୍ଚ ଲତା କୁମ୍ଭାର, ପୂର୍ବତନ ସରପଞ୍ଚ କପିଳ ଭୋଇ, ସମିତିସଭ୍ୟ ମଣ୍ଟୁ ସୁନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖଗେଶ୍ୱର କମ୍ପ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପେନ୍ଦ୍ର ମାଝୀ ଓ ଆମ ବ୍ୟାଙ୍କ ପରିଚାଳକ ପଞ୍ଚମଲାଲ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ।



# ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର; ୨୫୦ ଉର୍ଦ୍ଧ୍ୱ ଉପକୃତ

**କଣ୍ଟାବାଞ୍ଜି, ୨।୩(ସମିସ):** କଣ୍ଟାବାଞ୍ଜି ହେମାଳ ଭବନରେ ରାୟପୁର ଏମଏମ୍ଆଇ ନାରାୟଣ ଡାକ୍ତରଖାନା ପକ୍ଷରୁ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଆରମ୍ଭ ପୂର୍ବରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ମାଳି ସମାଜ ଜିଲ୍ଲା



ସଭାପତି କାର୍ତ୍ତିକ ପୁଟେଲ, ମାଳି ସମାଜ ଆଞ୍ଚଳିକ ସଭାପତି ଶେଷଦେବ ପୁଟେଲ, ଯୁବ ସଭାପତି କଣ୍ଟାବାଞ୍ଜି ଶାଖାରାଜୁ ପୁଟେଲ, ରାଜ୍ୟ ସଭାପତି ନୀତିନ ପୁଟେଲ, ସମ୍ପାଦକ ଘନଶ୍ୟାମ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଡାକ୍ତରଖାନାରେ ମୂତ୍ର ରୋଗ ବିଶେଷଜ୍ଞ ଡାକ୍ତର ବରୁଣ ଶର୍ମା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପଙ୍କଜ ପଟେଲ, ଡାକ୍ତର ସ୍ୱପ୍ନିଳ କଟାରିଆ, ଡାକ୍ତର ପ୍ରଦୀପ ଅଗ୍ରୱାଲ ୨୬୫ ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକସ୍ଥଳେ ଔଷଧ ମଧ୍ୟ ଦେଇଥିଲେ। ଅନେକ ରୋଗୀଙ୍କୁ ନିଶୁଳ୍କ ରକ୍ତଚାପ, ମଧୁମେହ ଏବଂ ଇସିଜି ଟେଷ୍ଟ ମଧ୍ୟ କରଯାଇଥିଲା। ଡାକ୍ତର ଟିମ୍‌ରେ ତାଙ୍କ ସହଯୋଗୀ ଭାବେ ଯତୀନ ପଟେଲ ଏବଂ ଦିନେଶ ସାହୁ ଥିବାବେଳେ କୋଶେଳସ୍ୱରୀ ଯୁବ ମାଳୀ ସମାଜ ସଭାପତି ତଥା ରାଜୁ ପୁଟେଲ, ସମ୍ପାଦକ ଘନଶ୍ୟାମ ପୁଟେଲ, ଉପସଭାପତି ଅଶୋକ ପୁଟେଲ, ରାଜ୍ୟ ସଭାପତି ନିତିନ ପୁଟେଲ, ସମ୍ପାଦକ ପ୍ରମାନନ୍ଦ ପୁଟେଲ, ଗୌରବ ପୁଟେଲ, ଗଙ୍ଗା ପୁଟେଲ, ଡୁଙ୍ଗର ପୁଟେଲ, ସଞ୍ଜୟ ପୁଟେଲ, ବିଜୟ ପୁଟେଲ, ଶୁକ୍ରୁ ପୁଟେଲ ସହ ସମାଜର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣା: ସ୍ୱାମୀଙ୍କ ପରେ ଚାଲିଗଲେ ସ୍ତ୍ରୀ

**ବଲାଙ୍ଗିର, ୨।୩(ସମିସ)**

ଦୁଃଖ ଦେଇଗଲା ଦୁର୍ଘଟଣା। ଗୋଟିଏ ମାସ ପରେ ଝିଅ ବାହାଘର ସ୍ଥିର ହୋଇସାରିଥିଲା। ଏଥିପାଇଁ କାର୍ଡ ବି ଛପା ସରିଥିଲା। କିନ୍ତୁ ଆଉ ଜଣେ ସମ୍ପର୍କୀୟଙ୍କ ବିବାହରେ ଯୋଗଦେଇ ଫେରିବା ବାଟରେ ଏକ

**ମାସକ ପରେ କରିଥାନ୍ତେ ଝିଅ ବାହାଘର**

ସଡ଼କ ଦୁର୍ଘଟଣାରେ ଚାଲିଗଲା ଦୁଇ ଅମୂଲ୍ୟ ଜୀବନ। ସାଙ୍ଗରେ ଥିବା ଝିଅକୁ ବି ଅନାଥ କରିଦେଲା ଏହି ଦୁର୍ଘଟଣା। ଶୁକ୍ରବାର ବଲାଙ୍ଗିର ଗନ୍ଧମାର୍ଦ୍ଦନ ଆଇଟିଆଇ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲେ। ଏହି ଦୁର୍ଘଟଣାରେ ଉଭୟ ଗାଡିରେ ଥିବା ଚାରି ଜଣ ଗୁରୁତର ଆହତ ହୋଇଥିବା ବେଳେ ସେଥିରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଉଭୟ ସ୍ୱାମୀ ସ୍ତ୍ରୀ




ହୋଇଥିବା ବେଳେ ମୃତ୍ୟୁ ସହ ଏବେବି ଝିଅ ସଂଗ୍ରାମ କରୁଥିବା ଜଣାପଡ଼ିଛି।

ଶୁକ୍ରବାର ସଦର ଥାନା ବିରକେଲ ଗାଁର ଭାଗ୍ୟଧର ପଟେଲ ନିଜ ସ୍ତ୍ରୀ ସୁରେଖା ପଟେଲ ଓ ଝିଅ ସ୍ନେହଲତା ପଟେଲଙ୍କୁ ବାଇକ୍‌ରେ ତାଲଝରନ ଗାଁକୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ଭୋଜି ଖାଇବା ପରେ ଫେରୁଥିବା ସମୟରେ ଗନ୍ଧମାର୍ଦ୍ଦନ ଆଇଟିଆଇ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବାଇକକୁ ଧକ୍କା ଦେଇଥିଲେ। ଦୁର୍ଘଟଣାସ୍ଥଳରେ ଭାଗ୍ୟଧରଙ୍କ ଜୀବନ ଚାଲିଯାଇଥିବା ବେଳେ ସ୍ତ୍ରୀ ସୁରେଖା, ଝିଅ ସ୍ନେହଲତା ଓ ଅନ୍ୟ ବାଇକରେ ଥିବା ବିକ୍ରମ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକଙ୍କ ସହାୟତାରେ ପୁଲିସ ଗୁରୁତରଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ପଠାଇଥିଲା। ଏହା ସହ ଭାଗ୍ୟଧରଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ସୁରେଖା ଓ ସ୍ନେହଲତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ବୁର୍ଲା ଡାକ୍ତରଖାନାରେ ସୁରେଖା ପଟେଲଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡ଼ିଛି। ସ୍ନେହଲତା ଓ ବିକ୍ରମଙ୍କ ମଧ୍ୟ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ଏନେଇ ସଦର ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ମା' ଓ ବାପାଙ୍କ ମୃତ୍ୟୁଖବର ଝିଅ ସ୍ନେହଲତା ଜାଣି ନ ଥିବାବେଳେ ପରିବାର ଓ ସମ୍ପର୍କୀୟଙ୍କ ମହଲରେ ଶୋକରଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ଆସନ୍ତା ଏପ୍ରିଲ ମାସରେ ମୃତ ଭାଗ୍ୟଧର ନିଜ ଝିଅର ବାହାଘର ସ୍ଥିର ହୋଇଛି। ଏଥିପାଇଁ ଉଭୟ ସ୍ୱାମୀ, ସ୍ତ୍ରୀ ଜୋରସୋରରେ ପ୍ରସ୍ତୁତି ଚଳାଇଥିବାବେଳେ ଏବେ ଏହି ଦୁର୍ଘଟଣା ପରିବାରକୁ ଅନାଥ କରିଦେଇଛି।

# ସୁଧୀର ଧଙ୍ଗଡ଼ାମାଝୀଙ୍କୁ କିଶୋରୀଚରଣ ପୁରସ୍କାର

**ଭବାନୀପାଟଣା, ୨।୩ (ସମିସ):** ପ୍ରଖ୍ୟାତ କଥାକାର କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ ଅବସରରେ ଗଳ୍ପ ସଂକଳନ 'ଖଙ୍ଗାର' ପାଇଁ କଳାହାଣ୍ଡିର ଯୁବ କଥାଶିଳ୍ପୀ ସୁଧୀର କୁମାର ଧଙ୍ଗଡ଼ାମାଝୀଙ୍କୁ ମର୍ଯ୍ୟାଦାଜନକ 'କିଶୋରୀଚରଣ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ପାଞ୍ଚ ହଜାର ଟଙ୍କାର ନଗଦ ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ କଟକ ଶତାବ୍ଦୀ ଭବନରେ ଆୟୋଜିତ ସମାରୋହରେ ଉଦ୍‌ଘାଟକ ଭାବେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଗୋପାଳ ବଲ୍ଲଭ ପଟ୍ଟନାୟକ, ମୁଖ୍ୟଅତିଥି ବିଶିଷ୍ଟ କଥାକାର ଡକ୍ଟର ବିଭୂତି ପଟ୍ଟନାୟକ, ସମ୍ମାନିତ ଅତିଥି ବିଶିଷ୍ଟ କବି ହରପ୍ରସାଦ ଦାସ ଯୋଗ ଦେଇ ଶ୍ରୀ ଧଙ୍ଗଡ଼ାମାଝୀଙ୍କୁ ପୁରସ୍କୃତ କରିଥିଲେ। ସ୍ମୃତି ସଂସଦର ସଭାପତି ନ୍ୟାୟମୂର୍ତ୍ତି ବିମଳ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଏବଂ ସଦସ୍ୟ ତରୁଣ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟ, ଯୁବ କଥାକାର ଯୋଗେଶ୍ୱର ପଣ୍ଡା ଓ ସ୍ନେହଲତା ଦାସ ଲେଙ୍କା ମଧ୍ୟ ପୁରସ୍କୃତ ହୋଇଥିଲେ। ସ୍ମୃତି ସଂସଦ ଦ୍ୱାରା ତଥା ବିଦ୍ୟାପୁରୀ ପକ୍ଷରୁ ପ୍ରକାଶିତ 'ଶତାବ୍ଦୀର କଥାଶିଳ୍ପୀ କିଶୋରୀଚରଣ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ମୃତି ସଂସଦର ସଦସ୍ୟ ଦୁଷ୍ମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପ-ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ, ସଦସ୍ୟ ଡକ୍ଟର ଅଭୟ କୁମାର ରାଉତ, ସୁକାନ୍ତ ପ୍ରସାଦ ନନ୍ଦ, ଶିବାଶୀଷ କର, ଡକ୍ଟର ସାରଦା ପ୍ରସାଦ ମହାନ୍ତି, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।




## ଏସ୍‌ବିଆଇ ଏଫ୍-ସି ଲିଡ୍ସ ପ୍ରକଳ୍ପ

# ସଶକ୍ତ ହେବେ କଳାହାଣ୍ଡି ଏବଂ ନୂଆପଡ଼ାର ୩୦୦୦ଏସ୍‌ଏଚ୍‌ଜି ସଦସ୍ୟା

**ଭବାନୀପାଟଣା, ୨।୩ (ସମିସ)**

ଏସବିଆଇ ଫାଉଣ୍ଡେସନ ଏବଂ କଳିଙ୍ଗ କୁସୁମ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଶନିବାର କଳାହାଣ୍ଡିର ବିଜୁ କଲ୍ୟାଣ ମଣ୍ଡପରେ ଏସବିଆଇଏଫ୍-ସି ଲିଡ୍ସ ପ୍ରକଳ୍ପର ଉଦ୍‌ଘାଟିତ ହୋଇଯାଇଛି। ଏସବିଆଇଏଫ୍-ସି ଲିଡ୍ସ ପ୍ରକଳ୍ପ ଅଧୀନରେ କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ୩୦୦୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କୁ ଆର୍ଥିକ, ଡିଜିଟାଲ୍ ଏବଂ ଆଇନଗତ ସାକ୍ଷରତା ଉପରେ ତାଲିମ ଦିଆଯିବ। ଉଦ୍‌ଘାଟନୀ ସମାରୋହରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଭବାନୀପାଟଣା ପୌରପାଳିକାର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଭବାନୀପାଟଣା ପୌରପାଳିକାର ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଏବଂ ବରିଷ୍ଠ ଆଇନଜୀବୀ ହରଜିନ୍ଦର ସିଂହ ଯୋଗ ଦେଇଥିଲେ। ସେ ମହିଳାମାନଙ୍କ ସହିତ ଜଡ଼ିତ ବିଭିନ୍ନ ଆଇନ ଉପରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ସାମାଜିକ କର୍ମୀ ସୁମିତ କୁମାର ସାହୁ ଏବଂ ରୁପେନ୍ଦ୍ର ଛତ୍ରିଆ ଡିଜିଟାଲ୍ ସାକ୍ଷରତା ଏବଂ ଆର୍ଥିକ ସାକ୍ଷରତା ଉପରେ ଅଧିବେଶନ କରିଥିଲେ। ସାଂସଦ ସୁଜିତ କୁମାର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସ୍କାମ ବିଷୟରେ ଅବଗତ କରାଇଥିଲେ। ମିତ୍ରଜିତ ସିଂ, ଚିନ୍ମୟ ମିଶ୍ର, ସମ୍ବିତ ପୁରୋହିତ, ଜୁଜେଷ୍ଟି ହରପାଲ ଏବଂ ଶିବ ପ୍ରସାଦ ସାମଲଙ୍କ ସମେତ କଳିଙ୍ଗ କୁସୁମ ଫାଉଣ୍ଡେସନର ସଦସ୍ୟମାନେ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ସମାରୋହରେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୩୦୦ ମହିଳା ଯୋଗ ଦେଇଥିଲେ।



# ଯୁବ ସମ୍ବାଦ କାର୍ଯ୍ୟକ୍ରମ 'ବିକଶିତ ଭାରତର ପ୍ରବେଶ ପଥ'

**ଭବାନୀପାଟଣା, ୨।୩(ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ, ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱର ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ-୨୦୪୭ ର ଅନୁଚିନ୍ତା ଉପରେ ସ୍ଥାନୀୟ ୭ଟି ମହାବିଦ୍ୟାଳୟରୁ ୧୦ଟି ଏନ୍‌ଏସ୍‌ଏସ୍ ୟୁନିଟ୍‌ର ୨୦୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥି, ସଭାପତି ଭାବେ ଅଧ୍ୟକ୍ଷ ଛବିଲାଲ ସାହୁ, ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ଓ ଏନ୍‌ଏସ୍‌ଏସ୍ ଜିଲ୍ଲା ଅଧିକାରୀ ପ୍ରୀୟବ୍ରତ ବାଣୁଆ ସମ୍ମାନିତ ଅତିଥି ଓ ଦୁତିଆ ବନଛୋର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଯୁବ ସମ୍ବାଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିବା ବେଳେ ପରମେଶ୍ୱର ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଆଲୋଚନାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସରସ୍ୱତୀ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ସ୍ନେହାରାଣୀ ସାହୁ ପ୍ରଥମ, ସରକାରୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅର୍ଚ୍ଚନା ପାତ୍ର, ସରକାରୀ ନର୍ସିଂ ମହାବିଦ୍ୟାଳୟର ସସ୍ମିତା ପରିଡ଼ା ଦ୍ୱିତୀୟ, ବିକାଶ ନର୍ସିଂ ମହାବିଦ୍ୟାଳୟର ପ୍ରିୟଦର୍ଶିନୀ ପାଢ଼ୀ ଓ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କାହ୍ନୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉପସ୍ଥିତ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ମଧ୍ୟରୁ ଡ. ରାଧାରାଣୀ ନାୟକ, ଇଂ. ସୌମ୍ୟ ସ୍ୱରୂପ ପଟ୍ଟନାୟକ, ଶିଖା ସୋନାଲୀ ଏକ୍କା, ତରୁଣ କୁମାର ମଣ୍ଡଳ, ଜୟନ୍ତ ଦଣ୍ଡସେନା, ରୋଜମେରୀ ଏକ୍କା ଓ ଡ. ପ୍ରିୟ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧ୍ୟାପକ ଶୁଭେନ୍ଦୁ ପାଢ଼ୀ, ସୁଶାନ୍ତ ଦାଶ, ନାଜନୀନ ସୁଲତାନା, ଦୀନବନ୍ଧୁ ନାଗ, ଯୋଗେନ୍ଦ୍ର ରାଉତ, ଗମ୍ୟ ରଞ୍ଜନ ନାଗ, ହର ଭଜନ ନାଏକ, ବିକି ମହାକୁଡ, ଦିବ୍ୟ ରଞ୍ଜନ ନାୟକ ଓ ଯଶୋବନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।




# ଲଇତରାରେ ପଞ୍ଚାୟତବାସୀଙ୍କୁ ନେଇ ବିଜେଡିର ବୈଠକ

**କେସିଙ୍ଗା, ୨।୩(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକ ଲଇତରା ପଞ୍ଚାୟତର କଲୋନୀ ପଡ଼ାଠାରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ବିଜେଡି ସଙ୍ଗଠନକୁ ୱାର୍ଡ ସ୍ତରରୁ ମଜବୁତ କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ଜଗା ଭୋଇ, ନରେଶ କୁମାର, ରୁତୁ ମାଝୀ, କୈଳାସ ଯାନୀ, ପ୍ରବୀଣ ବାଗ, ଆଶୁତୋଷ ବେହେରା, ସବିର ନାଏକ, ମହିଳା ନେତ୍ରୀ ଆମୀ ଜାନୀ, ପ୍ରମିଳା ବାଗ, ତୁଳସା ଭୋଇ, କୁମାରି ସୁନା, କୁନ୍ତି ବିନିଆ, ସମାଜସେବୀ ସୁଦାମ ସୁନା, ପରମାନନ୍ଦ ବାଗ, ଆଦିବାସୀ ଯୁବ ନେତା ନରେଶ ଶବର, ରୁତୁରାଜ ଶବର, ଯୁବ-ଛାତ୍ର ମହିଳା, ବରିଷ୍ଠ କର୍ମକର୍ତ୍ତା ତଥା ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।



# ପାଞ୍ଚ ମାସ ବିତିଲା, ମିଳିଲାନି ହରିଶ୍ଚନ୍ଦ୍ର ସହାୟତା

**କେସିଙ୍ଗା, ୨।୩(ସମିସ):** କେସିଙ୍ଗା ବ୍ଲକର ତୁର୍ଲାଖମନ୍ ପଞ୍ଚାୟତର ପାଏନ ବୁଡି ସାହୁ ନାମକ ବୃଦ୍ଧା ଗତ ବର୍ଷ ସେପ୍ଟେମ୍ବର ୨୯ ତାରିଖରେ ମୃତ୍ୟୁବରଣ କରିଥିଲେ। ହେଲେ ଆଜିକୁ ପାଞ୍ଚ ମାସ ବିତିଯାଇଥିଲେ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ମିଳି ପାରିନାହିଁ। ସହାୟତା ରାଶି ପାଇଁ ମୃତକଙ୍କ ପୁଅ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ରଣାଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି।ଶେଷରେ ସେ ବାଧହୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି ବୋଲି ଅଭିଯୋଗ କରିଛନ୍ତି। ମୃତକଙ୍କ ପୁଅ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

# ୭ ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା ଆରମ୍ଭ



**ନର୍ଲା, ୨।୩(ସମିସ):** ସାଧାରଣ ଲୋକଙ୍କ ସମସ୍ୟା ଦୂର ହେବ, ଲୋକେ ନିଜ ଗାଁରେ ପାଇବେ ବ୍ୟାଙ୍କ ସେବା, ଉପକୃତ ହେବେ ଗ୍ରାମାଞ୍ଚଳର ସାଧାରଣ ଲୋକେ। ସରକାରଙ୍କ ଏହି ଅଭିନବ ଓ ଯୁଗାନ୍ତକାରୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଖୁବ ପସନ୍ଦଯୋଗ୍ୟ ହେଉଛି। ଦୁଇଟି ପର୍ଯ୍ୟାୟରେ ନର୍ଲା ବ୍ଲକରେ ସାତଟି ପଞ୍ଚାୟତରେ ମୋ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ନିଶାଣପୁର, ଟକର୍ଲା, ଭୀମକେଲା, ଭାନପୁର, ବାଗପୁର, ମୁସ୍କୁଟି ଆଦି ସାତଟି ପଞ୍ଚାୟତରେ ଦୁଇଟି ପର୍ଯ୍ୟାୟରେ ଏହି ସେବା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହେଉଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ରବି କୁମାର ନାଏକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ, ଲୋକ ପ୍ରତିନିଧି ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ଏହି ସେବା ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ଆରମ୍ଭ ହୋଇଛି। ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଲୋକେ ଏହି କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଟଙ୍କା ଉଠାଣ ହେଉ କିମ୍ବା ସଞ୍ଚୟ ଅବା ଜମାଖାତା ଖୋଲିବାକୁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ। ଏଣିକି ଗାଁରେ ମିଳିବ ବ୍ୟାଙ୍କ ସେବା। ପ୍ରତିକୂଳ ପରିସ୍ଥିତିରେ ଗ୍ରାମାଞ୍ଚଳର ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଆଉ ବ୍ୟାଙ୍କ ସାମନାରେ ଦିନତମାମ୍ ଧାଡିବାନ୍ଧି ଠିଆ ହେବା ଆଉ ଦେଖିବାକୁ ମିଳିବନାହିଁ।

# ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଭବାନୀପାଟଣା ଅଞ୍ଚଳବାସୀଙ୍କ ଧନ୍ୟବାଦ



**ଗାଇଗାଁ, ୨।୩(ସମିସ):** ଭୁବନେଶ୍ୱର ବରମୁଣ୍ଡାସ୍ଥ ନୂତନ ବସଷ୍ଟାଣ୍ଡକୁ ବାବା ସାହେବ ଆମ୍ବେଦକରଙ୍କ ନାମରେ ନାମିତ କରିଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣା ନିର୍ବାଚନମଣ୍ଡଳୀ ନାସିଗାଁ ପଞ୍ଚାୟତ ପିପଲ ଭାଡ଼ିଠାରେ ସାମନ୍ତ ଖମାରୀଙ୍କ ସଭାପତିତ୍ୱରେ ଏକ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଏହି ସଭାରେ ବରମୁଣ୍ଡା ନୂତନ ବସଷ୍ଟାଣ୍ଡ ଆମ୍ବେଦକରଙ୍କ ନାମରେ ନାମିତ କରାଯାଇଥିବାରୁ ଭବାନୀପାଟଣା ଅଞ୍ଚଳବାସୀଙ୍କ ସମେତ ନାସିଗାଁ ପଞ୍ଚାୟତବାସୀ ଖୁସି ପ୍ରକଟ କରିଛନ୍ତି। ଏହି ସଭାରେ ଶଙ୍କର ମାଝୀ, ହୀରା ଧର ବାଗ, ଧର୍ମେନ୍ଦ୍ର ନାଏକ, ଭିକାରୀ ଝାଙ୍କର, ମହେନ୍ଦ୍ର ମାଝୀ, ଭଗବାନ ଗୌଡ଼ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।ଲେପ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍ ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତ ଅଛନ୍ତି।

## ● ୨ ମାସ ଧରି ମୋବାଇଲ ନେଟ୍‌ୱାର୍କ ବାଧାପ୍ରାପ୍ତ

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଥୁଆମୂଳ ରାମପୁର, ୨।୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବଡଛତ୍ରଙ୍ଗଠାରେ ସ୍ଥାପନ ହୋଇଥିବା ବିଏସ୍‌ଏନ୍‌ଏଲ୍ ମୋବାଇଲ ନେଟ୍‌ୱାର୍କ ଆଜକୁ ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ ସେବା ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଟେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ରାସ୍ତା କଡ ଦେଇ ସଂଯୋଗ ହୋଇଥିବା ନେଟ୍‌ୱର୍କ କେବୁଲ୍ ଛିଣ୍ଡି ଯାଉଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ହେଲେ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତା ମାନେ ମୋବାଇଲ ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ହୋଇଥିବା ବେଳେ ବିଭିନ୍ନ ଜରୁରୀକାଳୀନ ସେବା ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତୁରନ୍ତ ଏବଂ ସ୍ଥାୟୀ ସମାଧାନ ନିମନ୍ତେ ଶନିବାର ବଡଛତ୍ରଙ୍ଗ ଗ୍ରାମର ଯୁବ ସମାଜସେବୀ ଲମ୍ବୋଦର ନାଏକଙ୍କ ନେତୃତ୍ୱରେ ଗ୍ରାମର ରାଧାକୃଷ୍ଣ ଯୁବକ ସଂଘର ସଦସ୍ୟଙ୍କ ସମେତ ଗ୍ରାମବାସୀ ଥୁଆମୂଳ ରାମପୁର ବିଡ଼ିଓ ଏବଂ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଥୁଆମୂଳ ରାମପୁର ଭଳି ବଣପାହାଡ ଘେରା ଅଞ୍ଚଳରେ ଅନେକ ସମସ୍ୟା ରହିଛି। ତନ୍ମଧ୍ୟରୁ ମୋବାଇଲ ନେଟ୍‌ୱର୍କ ଏକ ପ୍ରମୁଖ ସମସ୍ୟା। ଡିଜିଟାଲ ଯୁଗର ଏଇ ଦୂରଭାଷୀ ବାର୍ତ୍ତା ଆଦାନ ପ୍ରଦାନର ମାଧ୍ୟମ ସାଜିଥିବା ମୋବାଇଲ ନେଟ୍‌ୱର୍କ ସେବା ଏଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେବି ଅପହଞ୍ଚ। ଥୁଆମୂଳ ରାମପୁର ବ୍ଲକ ବ୍ୟତୀତ ଅନ୍ୟ ଅଞ୍ଚଳରେ ୫-ଜି ନେଟ୍‌ୱର୍କ ସେବା ଉପଲବ୍ଧ ହୋଇସାରିଥିବା ବେଳେ ଥୁଆମୂଳ ରାମପୁର ବ୍ଲକର ଅନେକ ସ୍ଥାନରେ ବିଏସ୍‌ଏନ୍‌ଏଲ୍, ଏୟାରଟେଲ୍, ଜିଓ କମ୍ପାନୀ ଭଳି ମୋବାଇଲ ନେଟ୍‌ୱର୍କ ସ୍ଥାପନ ହୋଇସାରିଛି। କିନ୍ତୁ ଏସବୁ ମୋବାଇଲ ଟାୱାର୍ ସ୍ଥାପନ ହୋଇଥିଲେ ମଧ୍ୟ ସଠିକ୍ ଭାବେ ସେବା ଯୋଗାଉ ନ ଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ହେଲେ ଅନେକାଂଶରେ କାମଚଳା ୨-ଜି ସେବା ମଧ୍ୟ ଭଲ ଭାବରେ ଚାଲୁ ନ ଥିବା ଜଣାପଡ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।



# ଶିଳ୍ପପତି ଓ ସମାଜସେବୀଙ୍କ ବିୟୋଗରେ ଶୋକ ସଭା

**ଲଡୁଗାଁ, ୨।୩ (ସମିସ):** କଳାହାଣ୍ଡି ଜିଲ୍ଲା ତଥା କୋକସରା ବ୍ଲକ ଲଡୁଗାଁର ବିଶିଷ୍ଟ ଶିଳ୍ପପତି ସମାଜସେବୀ ତ୍ରିଲୋଚନ ଅଗ୍ରୱାଲଙ୍କ ବିୟୋଗରେ ଶନିବାର ଲଡୁଗାଁ ସ୍ଥିତ ଶ୍ରୀରାମ ମାମୋ ଦେବୀ ଧର୍ମଶାଳାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ବୁଦ୍ଧିଜୀବୀ, ସଚେତନ ନାଗରିକ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ଦିବଙ୍ଗତ ତ୍ରିଲୋଚନ ଅଗ୍ରୱାଲ ଶିଳ୍ପପତି ସହ ଜଣେ ସମାଜସେବୀ ଭାବେ କଳାହାଣ୍ଡିର ଜିଲ୍ଲାର ଜଣେ ପରିଚିତ ନାମ ରହିଥିଲେ। ତାଙ୍କ ଉଦ୍ୟମରେ ଲଡୁଗାଁ ଠାରେ ମାମୋଦେବୀ ଦାତବ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲି ଅଞ୍ଚଳର ହଜାର ହଜାର ଅସହାୟ, ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ଚିକିତ୍ସା ସେବା ସହ ମାଗଣାରେ ଔଷଧ ଓ ଆମ୍ବୁଲାନ୍ସ ସେବା ଯୋଗାଉଥିଲେ। ଏହାଛଡ଼ା ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ଅବା ବିବାହ ଯୋଗ୍ୟା କନ୍ୟାଙ୍କୁ ସହାୟତା ପ୍ରଦାନ କରି ଅଞ୍ଚଳର ଜନସାଧାରଣଙ୍କ ସେବା କରି ଆସୁଥିଲେ। ଶୋକସଭାରେ ଉପସ୍ଥିତ ସମସ୍ତେ ତାଙ୍କର ଏହି ମହତ କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ ଓ ପରବର୍ତ୍ତୀ ପୀଢ଼ି ମଧ୍ୟ ସେବା ମନୋଭାବ ନେଇ ସମାଜସେବା କାର୍ଯ୍ୟ ଜାରି ରଖିବାକୁ ମତ ପ୍ରକାଶ କରିଥିଲେ। ଶୋକସଭାରେ ସ୍ୱର୍ଗତ ତ୍ରିଲୋଚନ ଅଗ୍ରୱାଲଙ୍କ ଭାଇ ରମେଶ ଅଗ୍ରୱାଲ, ଅମର ଅଗ୍ରୱାଲ, ପୁତ୍ରୀ କୃଷ୍ଣା କୁମାରୀ ଅଗ୍ରୱାଲ, ରାଜୀବ କୁମାର ଅଗ୍ରୱାଲ, ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଯୁବନେତା ମାନସ ରଞ୍ଜନ ବାଗ, ବିଜେପି ନେତା ବିଜୟଦେବ ସାହୁ, ଦୀପଜ୍ୟୋତି ମୁଣ୍ଡ, ଶିକ୍ଷାବିତ ତ୍ରିନାଥ ଠାକୁର, ଅଶୋକ କୁମାର ଦାସ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଯୁଗଳ କିଶୋର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଲଡୁଗାଁ ସରପଞ୍ଚ ନକୁଳ ନାଏକ, ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ଅଂଶୁମାନ ପାତ୍ର, ଅଜିତ ସିଂ, ଇଙ୍ଗିତ ପଣ୍ଡା, ସନତ ପ୍ରଧାନୀ, ଶରତ ରାଉତ, ମନ ପ୍ରଧାନ ଓ କଳାହାଣ୍ଡି ଜିଲ୍ଲା ସମସ୍ତ ବ୍ଲକ ଅଞ୍ଚଳରୁ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଶ୍ରୀ ଅଗ୍ରୱାଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନାରେ ପଙ୍କଜ ମୁଖ ଚୌଧୁରୀ ସହଯୋଗ କରିଥିଲେ।



# ପାକ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**କୋକସରା, ୨।୩(ସମିସ):** ୩ ଦଫା ଦାବିରେ ସମବାୟ ସମିତି (ପାକ୍ସ) କର୍ମଚାରୀମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ରବି ଧାନ ବିକ୍ରି ନିମନ୍ତେ ମାର୍ଚ୍ଚ ୧ ତାରିଖରୁ ଅନଲାଇନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆନ୍ଦୋଳନ ଯୋଗୁଁ ଚାଷୀମାନେ ପଞ୍ଜିକରଣ କରି ନ ପାରି ହଇରାଣ ହେଉଛନ୍ତି। ଉପନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ଭବାନୀପାଟଣାଠାରେ ଏହି ଧାରଣା ଦିଆଯାଇଛି। ଏହି କ୍ରମରେ କୋକସରା ବ୍ଲକର ବିଭିନ୍ନ ପାକ୍ସର ସମ୍ପାଦକ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଛନ୍ତି। ପାକ୍ସ କମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରବି ଚାଷର ଚାଷୀ ପଞ୍ଜିକରଣ, ସିବିଏସ, ଅନଲାଇନ୍ କାମ ସବୁ ବନ୍ଦ ହୋଇଯିବା ଆଶଙ୍କା ରହିଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ କୋକସରା ବ୍ଲକର ଆମପାଣି ପାକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, କୋକସରା ସମ୍ପାଦକ ନିରଞ୍ଜନ ବାଗ, ଟେମରା ସମ୍ପାଦକ ରଞ୍ଜନ ପାଣିଗ୍ରାହୀ, ଲଡୁଗାଁ ପାକ୍ସ ସମ୍ପାଦକ ପଦ୍ମନ ବାଗ, ଡହଗାଁ ପାକ୍ସ ସମ୍ପାଦକ କ୍ଷମାନିଧୀ ବାଗ, କାଶିବାହାଲ ପାକ୍ସ ସମ୍ପାଦକ ଯୁଗଳ କିଶୋର ନାଏକ ପ୍ରମୁଖ ସାମିଲ ହୋଇଛନ୍ତି।



**ବଢୁଛି ତାତି**

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତ ପ୍ରଶାସନ

ବୌଦ୍ଧ,୨ ।୩(ସମିସ)

ଚଳିତ ବର୍ଷ ଫେବୃଆରୀ ମାସରୁ ଗ୍ରୀଷ୍ମର ତାତି ଅନୁଭୂତ ହେଲାଣି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଅଂଶୁଘାତର ମୁକାବିଲା ନିମନ୍ତେ ବ୍ୟାପକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାରେ ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହ ଆବଶ୍ୟକ ସ୍ଥଳେ ଭ୍ରମ୍ୟମାଣ ଟ୍ୟାଙ୍କର ଦ୍ୱାରା ପିଇବା ପାଣିର ସୁବ୍ୟବସ୍ଥା କରିବା ପାଇଁ ବିଭାଗୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ ମହଜୁଦ ରଖିବା ପାଇଁ କୁହାଯାଇଛି। ସେହିପରି ଅଂଶୁଘାତ ମୁକାବିଲା ପାଇଁ ଡାକ୍ତରଖାନାରେ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଏସପି ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁର, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗୀୟ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ



- ଅଂଶୁଘାତର ମୁକାବିଲା ନିମନ୍ତେ ବ୍ୟାପକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ
- ଅଚଳ ନଳକୂପଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ହେବ
- ଭ୍ରମ୍ୟମାଣ ଟ୍ୟାଙ୍କର ଦ୍ୱାରା ପିଇବା ପାଣିର ସୁବ୍ୟବସ୍ଥା କରାଯିବ
- ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟରେ ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରହିବ

**ସୋନପୁର:** ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ମଧ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ, ପଶୁଧନ, ପାନୀୟ ଜଳ, ଶ୍ରମ, ପରିବହନ ଏବଂ ଶିକ୍ଷା ଆଦି ବିଭିନ୍ନ ବିଭାଗୀର ପ୍ରସ୍ତୁତି ବିଷୟରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଜଳ ସମସ୍ୟା ଅଞ୍ଚଳଗୁଡିକୁ ଚିହ୍ନଟ କରି ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ତଥା ପାନୀୟ ଜଳ ଯୋଗାଣ କେନ୍ଦ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ ସରୋବରାହ ଚାଲୁ ରଖିବା ଏବଂ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସହରାଞ୍ଚଳ ସମସ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାମାଳରେ ସାମୂହିକ ବ୍ରତୋପନୟନ



**ଶଗଡା,୨ ।୩ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ନଳିନୀ ନିବାସ ପ୍ରଥମ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ବରଡିପଦର ଗ୍ରାମର ତପନ କର ଓ ପିଙ୍କି କରଙ୍କ ପୁତ୍ର ଅଙ୍କିତ କର (୧୨) ଏବଂ କଲରକ୍ଷକୋଠା ଗ୍ରାମର ଦୁଃଶାସନ ମିଶ୍ର ଓ ଶ୍ରୀମତୀ କବିତା ମିଶ୍ରଙ୍କ ପୁତୁରା କରୁଣାକର ମିଶ୍ର (ମିଲନ)ଙ୍କ ବତାପୋନୟନ ସମ୍ପନ୍ନ କରାଯାଇଛି। ଏଥିରେ ବୌଦ୍ଧର ଜଗତିସ୍ଥିତ କର୍ମକାଣ୍ଡ ସଂଘର ଉପଦେଷ୍ଟା ପଣ୍ଡିତ ରାମଚନ୍ଦ୍ର ପାଣିଗ୍ରାହୀ ଓ ବୌଦ୍ଧ ବ୍ଲକ୍ ଦହ୍ୟାର ପଣ୍ଡିତ ମନୋରଞ୍ଜନ ମିଶ୍ର ପୁରୋହିତ ଥିଲେ। ବ୍ରାହ୍ମଣ ସମାଜ ସମସ୍ତ ଖର୍ଚ୍ଚ ବହନ କରିଥିଲା। ରଘୁନାଥ ମହାପାତ୍ର, ସନ୍ତୋଷ ବିଶି, ବିଜୟ ପାଣିଗ୍ରାହୀ, ବସନ୍ତ ମିଶ୍ର, ଘନଶ୍ୟାମ ମିଶ୍ର, ରଘୁନାଥ ପାଣିଗ୍ରାହୀ, ସନତ ମିଶ୍ର, ସୁଧିର ପାଣିଗ୍ରାହୀ, ବସନ୍ତ ପାଢ଼ୀ, ଆନନ୍ଦ ଚନ୍ଦ୍ର ପାଢ଼ୀ, ସତ୍ୟ ପାଢ଼ୀ, ହରିବନ୍ଧୁ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟ ମହାରଣା, କୁମର ସାହୁ, କୈଳାସ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

## ମହାନଦୀ ଆଳତି ଘାଟ ସମସ୍ୟାର ସମୀକ୍ଷା



ବୌଦ୍ଧ,୨ ।୩(ସମିସ): ବୌଦ୍ଧ ଚନ୍ଦ୍ରଚୁଡ ମନ୍ଦିର ମହାନଦୀ ଘାଟର ସମସ୍ୟା ନେଇ ସମୀକ୍ଷା କରାଯାଇଛି। ଏଥିରେ ତତ୍କାଳୀନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ଯୋଗ ଦେଇଥିଲେ। ମହାନଦୀ ଆଳତୀ ଘାଟରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। କମିଟିର ପ୍ରତିଷ୍ଠାତା ସଦସ୍ୟ ଦେବାଶିଷ ପୁରୋହିତ ମହାନଦୀ ଆଳତୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଆଳତୀ ଘାଟ ନିର୍ମାଣ ସମ୍ପୂର୍ଣ୍ଣ ହୋଇନି। ଦୈନିକ ଆଳତୀ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଟୁନୁରାମ ଅଗ୍ରୱାଲା, ଯୁଗଳ ସାମଲ, ବିଶ୍ୱେଶ୍ୱର ପୃଷ୍ଟି, ସୁଜାତା ସାହୁ, ସୁମିତା ସାହୁ, ରାଜଲକ୍ଷ୍ମୀ ବିଶ୍ୱାଳ, ସୁମନ ଷଡ଼ଙ୍ଗୀ, ନଟବର ଅଗ୍ରୱାଲ, କଲ୍ୟାଣୀ ଶତପଥୀ, ସୂର୍ଯ୍ୟ ନାରାୟଣ ପଣ୍ଡା, ରଂଜିତା ମିଶ୍ର, ସତ୍ୟ ନାରାୟଣ ପାଣି, ପ୍ରବୀର ଦାସ, ସୂର୍ଯ୍ୟେନ୍ଦ୍ର ଶତପଥୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏକ ସମ୍ପୂର୍ଣ୍ଣ ଚିଠା ପ୍ରସ୍ତାବ କରି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମହାନଦୀ ଆଳତୀର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ ସଭ୍ୟ ସଂଗ୍ରହ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏସଡି. ଭାବେ କାର୍ଯ୍ୟରତ ଶ୍ରୀ ସାହୁ ଲୋକଙ୍କୁ ଯୋଡି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ଉଦ୍ୟମ କଲେ ଏହି ଘାଟ ଭବିଷ୍ୟତରେ ଏକ ପ୍ରମୁଖ ତୀର୍ଥସ୍ଥଳୀ ଭାବେ ପ୍ରତିଷ୍ଠା ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମହାନଦୀ ଆଳତୀ ଘାଟର ଶୁଭେଚ୍ଛୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବ୍ରହ୍ମଚାରୀ ଆଦିତ୍ୟ ଦାସ ସତସଙ୍ଗ ପରିଚାଳନା କରିଥିଲେ। ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସାମ୍ବାଦିକଙ୍କ ସମେତ ଆଳତୀ ଘାଟ ଓ ଯୋଗ ସମିତିର ଶତାଧିକ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ଗର୍ଭପାତ ବୃଦ୍ଧି ନେଇ ଉଦ୍‌ବେଗ

ବୌଦ୍ଧ,୨ ।୩(ସମିସ)

ବୌଦ୍ଧ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ରୋକିବାକୁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଜଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ବସିଥିଲା। ଗର୍ଭପାତ ସଂଖ୍ୟା ଅଧିକ ରହୁଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।

ବେଆଇନ ଲିଙ୍ଗ ନିରୁପଣ ରୋକିବା ପାଇଁ କାର୍ଯ୍ୟକାରୀ ହୋଇଥିବା ଆଇନ ୧୯୯୪ରୁ ଲାଗୁ କରାଯାଇଛି। ବୌଦ୍ଧ ସହରରେ ୨ଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ପଂଜିକୃତ ହୋଇ କାର୍ଯ୍ୟ କରୁଛି। ଏହା ବ୍ୟତୀତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯାଉଛି। ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ସର୍ବେକ୍ଷଣ ଅନୁଯାୟୀ ୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ ୧୬୭୬୧ ଜଣ ପୁଅ ଜନ୍ମ ହୋଇଥିବାବେଳେ ୧୫୭୩୮ ଜଣ ଝିଅ ଜନ୍ମ ହୋଇଛନ୍ତି। ଏହି ସର୍ବେକ୍ଷଣ ଅନୁଯାୟୀ ୧୦୦୦ ପୁଅରେ ୯୩୯ ଜଣ ଝିଅ ଜନ୍ମ ହୋଇଥିବାବେଳେ ନବ ଜନ୍ମିତ ଝିଅଙ୍କ ସଂଖ୍ୟା ପୁଅ ତୁଳନାରେ କମ୍ ରହିଥିବାରୁ ଏହାର କାରଣ ସଂପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେସରକାରୀ କ୍ଲିନିକ୍ ଗୁଡିକରେ ଲିଙ୍ଗ ନିରୁପଣ ଆଇନ ଉଲ୍ଲଂଘନ କରାଯାଉଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କୌଣସି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ନେଇ ସୂଚନା ପ୍ରଦାନ କରାଗଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ପକ୍ଷରୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହିତ ତାଙ୍କର ନାମ ଓ ସମସ୍ତ ତଥ୍ୟକୁ ଗୋପନ ରଖିବା ସହ ଆଇନଗତ ମାମଲାର ସମ୍ମୁଖୀନ ହେବାକୁ ପଡିବନାହିଁ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଛି। ଗତ ବର୍ଷ ଅପ୍ରେଲରୁ ଏ ବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ୬୩୭୫ଟି ଅଲଟ୍ରାସାଉଣ୍ଡ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ହୋଇଥିବା ଏହି ବୈଠକରେ ସୂଚନା ଦିଆଯାଇଛି। ପ୍ରତି ମାସରେ ହେଉଥିବା ଅଲଟ୍ରାସାଉଣ୍ଡ ସଂପର୍କରେ ସମସ୍ତ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଠିକ୍ ସମୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଯେପରି ବୃଦ୍ଧି ହୋଇପାରିବ ଏବଂ ବେଆଇନ ଲିଙ୍ଗ ନିରୁପଣ କିମ୍ବା ଭ୍ରୁଣହତ୍ୟା ଭଳି ଘଟଣା ନ ଘଟିବ ସେଥିପାଇଁ ଯତ୍ନବାନ ହେବାକୁ ଜିଲ୍ଲାପାଳ ଶ୍ରୀ ସୋନାଲ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ମିଶ୍ରଙ୍କ ସମେତ ସରକାରୀ ଓକିଲ, ସମାଜ ମଙ୍ଗଳ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ ଚିକିତ୍ସା ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



### ବେଆଇନ ଲିଙ୍ଗ ନିରୂପଣ ରୋକିବାକୁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ

## ତଳେ ବସି ପାଠ ପଢ଼ାଇଲେ ଜିଲ୍ଲାପାଳ



ଶଗଡା,୨ ।୩ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ନାରାୟଣପ୍ରସାଦ ପଞ୍ଚାୟତ ନାଦେନର ଗ୍ରାମର ବିଦ୍ୟାଳୟରେ ଜିଲ୍ଲାପାଳ ଜେ ସୋନାଲ ପିଲାଙ୍କୁ ପାଠ ପଢାଇଛନ୍ତି। ତଳେ ବସି ଛାତ୍ରଛାତ୍ରୀଙ୍କୁ ସେ ବିଭିନ୍ନ ପ୍ରଶ୍ନ ପଚାରିବା ସହ କଥା ହୋଇଥିଲେ। ପିଲାଙ୍କ ପାଠପଢ଼ାଠୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ, ପରିବେଶ ଆଦି ବିଭିନ୍ନ ଦିଗ ଉପରେ ଜିଲ୍ଲାପାଳ ଶ୍ରୀ ସୋନାଲ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ବିଦ୍ୟାଳୟ ସହ ଲେନ୍ଦେରମାଲ, ନାରାୟଣପ୍ରସାଦ ବିଦ୍ୟାଳୟରେ ମଧ ଜିଲ୍ଲାପାଳ ପହଞ୍ଚିଥିଲେ। ତେବେ ବିଦ୍ୟାଳୟ ପରିସରରେ ହଠାତ୍ ଜିଲ୍ଲାପାଳଙ୍କ ଗାଡ଼ି ପଶିବା ଦେଖି ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ହଡବଡେଇ ଯାଇଥିଲେ। ସେହିଭଳି ଏହି ସବୁ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହ ଏସ୍‌ପି ରାଜ ପ୍ରସାଦଙ୍କ ସହ ଅନେକ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ସାମ୍ବାଦିକ ବିନୟ ପ୍ରଧାନଙ୍କ ଦେହାନ୍ତ

**ସୋନପୁର/ମନମୁଣ୍ଡା,୨ ।୩(ସମିସ):** ସୁବର୍ଣ୍ଣପୁରର ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନଙ୍କ ଦେହାନ୍ତ ହୋଇଛି। ବୁର୍ଲା ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ୮୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। କିଛି ଦିନ



ପୂର୍ବରୁ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ବରିଷ୍ଠ ସାମ୍ବାଦିକ ଗଣପତି ବାଘ, ମନୋରଞ୍ଜନ ତ୍ରିପାଠୀ, ଧୀରେନ୍ଦ୍ର ଦାନୀ, ଦିଲ୍ଲୀପ ପାତ୍ର, ସନ୍ତୋଷ ମିଶ୍ର, ସୁଶାନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ରବିବାର ରାମେଶ୍ୱର ତ୍ରିବେଣୀ ସଙ୍ଗମ ଶ୍ମଶାନରେ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଏକ୍ସକ୍ୟାଡର୍ ଶିକ୍ଷକ



**ମନମୁଣ୍ଡା,୨ ।୩(ସମିସ):** ପଲସାଗୋରାଠାରେ ବୌଦ୍ଧ ଜିଲା ଏକ୍ସକ୍ୟାଡ଼ର ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଂଜୁ ଅମାତ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ମହାସଙ୍ଘର ଡାକରାରେ ଦିର୍ଘଦିନର ଆନ୍ଦୋଳନ ପରେ ୫ଦଫା ଦାବି ମଧ୍ୟରୁ ଗଣଶିକ୍ଷକଙ୍କ ଦରମା ବୃଦ୍ଧି, ଓଟିଇଟି ପାସ୍ କରିଥିବା ଗଣଶିକ୍ଷକଙ୍କୁ ନିୟମିତ କରିବା ଓ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବାରୁ ଜିଲ୍ଲା ସଙ୍ଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସରକାର ଏକ୍ସକ୍ୟାଡ଼ର ଶିକ୍ଷକଙ୍କ ଆହୁରି ଅନେକ ସମସ୍ୟା ନିଶ୍ଚିତ ଭାବେ ସମାଧାନ କରିବେ ବୋଲି ସଂଘ ଆଶାବ୍ୟକ୍ତ କରିଛି। ଏହି ଅବସରରେ ବୌଦ୍ଧ ଜିଲ୍ଲା ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ସାଧାରଣ ସଂପାଦକ ବୀର ବିକ୍ରମ ପ୍ରଧାନ, ଉପସଭାପତି ପ୍ରକାଶ ଡାଙ୍ଗ, ରତ୍ନନିଧି ଖମାରୀ, ସରୋଜ ପ୍ରଧାନ, କେଶବ ପ୍ରଧାନ, ନରେଶ ଚନ୍ଦ୍ର କର୍ମୀ, ମଧୁସୂଦନ ନାଏକ, ଅନୁପମା ମିଶ୍ର, ଶକୁନ୍ତଳା ସାହୁ, ସୁବୋଧ ବସ୍ତିଆ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## କଣ୍ଟାମାଳରେ ଆତ୍ମରକ୍ଷା ତାଲିମ ଶିବିର

ଶଗଡା,୨ ।୩ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏକ ଦିବସୀୟ ମହିଳା ଆତ୍ମରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁବିକାଶ ପ୍ରକଳ୍ପର ତତ୍ତ୍ୱାବଧାନରେ କିଶୋରୀ ବାଳିକା, ଶିକ୍ଷୟିତ୍ରୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀ, କିଶୋରୀ ବାଳିକା ଓ ଶିକ୍ଷୟିତ୍ରୀ କିପରି ନିଜକୁ ନିଜେ ରକ୍ଷା କରିପାରିବେ ତାହା ତାଲିମଦାତା ବୁଝାଇଥିଲେ। କଣ୍ଟାମାଳ ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢ଼ୀ, ଅତିରିକ୍ତ ବିଇଓ ଲକ୍ଷ୍ମୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାଗ୍ରସ୍ତଙ୍କୁ ସାହାହେଲେ ଜିଲ୍ଲା ପରିଷଦ ସଭ୍ୟା

ଶଗଡା,୨ ।୩(ସମିସ): କଣ୍ଟାମାଳ ୧ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ଜଣେ ଦୁର୍ଘଟଣାଗ୍ରସ୍ତଙ୍କୁ ସାହା ହୋଇଛନ୍ତି। ସେ କୌଣସି କାମରେ ଯାଉଥିବା ସମୟରେ ରାସ୍ତାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବକ ବନ୍ଦଗୋରା ଗ୍ରାମର ଚମ୍ପେଶ୍ୱର ମାଝୀ ଓ ରବୀନ୍ଦ୍ର ମାଝି ଆହତ ହୋଇ ପଡିଥିବା ଦେଖି ସୁମିତ୍ରା ନିଜ ଗାଡିରେ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରେଇବା ପରେ ଏକ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



## ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ସମୀକ୍ଷା



**ବୌଦ୍ଧ,୨ ।୩(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ. ସୋନାଲ ସମସ୍ତ ବିଭାଗର ସଦସ୍ୟଙ୍କୁ ବାଲ୍ୟ ବିବାହ ଓ ବାଳ ଶ୍ରମିକ ନିଷେଧ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରବୀଣା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଣ୍ଡୁଆ-କମିରା ବିଜୁ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ

ବୀରମହାରାଜପୁର,୨ ।୩ (ସମିସ)

ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ରାସ୍ତା ନିର୍ମାଣ ବିଭାଗ ଦ୍ୱାରା ୩୧ କୋଟି ୯୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ରାସ୍ତା ଏବଂ ବିଜୁ ସେତୁ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଶିଳାନ୍ୟାସ କରିଛନ୍ତି। ଯୁଧିଷ୍ଠିରପୁର-ଜଟେସିଂହା ରାସ୍ତା ପାଇଁ ୩ କୋଟି ୧୪ ଲକ୍ଷ ୭୫ ହଜାର ଟଙ୍କା, ବଡଖମାର-ଡୁମୁରୀ ରାସ୍ତା ଲାଗି ୨କୋଟି ୩୪ ଲକ୍ଷ ୯ ହଜାର ଟଙ୍କା, ପଣ୍ଡୁଆ-କମିରା ବିଜୁ ସେତୁ ଲାଗି ୧୫ କୋଟି ୭୬ ଲକ୍ଷ ୯୪ ହଜାର ଟଙ୍କା, କେନ୍ଦୁଝିରିଆପାଲି-ଗୋଘାଟ ରାସ୍ତା ଲାଗି ୫ କୋଟି ୫୯ଲକ୍ଷ ୪୯ ହଜାର ଟଙ୍କା, ଲୁହାଖଣ୍ଡି-କେନ୍ଦୁପାଲି-ମସନାପାଲି ରାସ୍ତା ପାଇଁ ୪ କୋଟି ୨୩ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ ରଥ, କିଶୋର ହୋତା, ବିହାରୀ ଲାଲ ମିଶ୍ର, ତୁଳସୀ ଦାସ ହୋତା, ଚିତ୍ତ ରଞ୍ଜନ ଦାଶ, ମଧୁସୂଦନ ପଣ୍ଡା, ଜଟେସିଂହା ସରପଞ୍ଚ ସୁନିତା ପଧାନ, ସମିତି ସଭ୍ୟା ରଶ୍ମିତା ପାଣ୍ଡେ, ଖଣ୍ଡହଥା ସମିତି ସଭ୍ୟ ବିନୋବା ନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



